# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27th October - 2024**

**News Editor : *Itishree Singh Rathaur***

**************************************

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୧୫ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ମନ୍ କୀ ବାତ୍‌ର ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ କାର୍ଯ୍ୟକ୍ରମର ପ୍ରସାରଣ କରାଯିବ । ଆଜି ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ।

***BBSR/R***

## ମୁଖ୍ୟମନ୍ତ୍ରୀ - ବାତ୍ୟା ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ପରବର୍ତ୍ତୀ ସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ପୁନରୁଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ପରେ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ସମୁଦାୟ ୮ ଲକ୍ଷ ୯ ହଜାର ୫୧୩ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯାଇଥିଲା । ସ୍ଥିତି ସ୍ୱାଭାବିକ ହେବା ପରେ ଲୋକମାନେ ନିଜ ଘରକୁ ଫେରିଥିବାବେଳେ ବର୍ତ୍ତମାନ ୧ ଲକ୍ଷ ୧୦ ହଜାର ୭୭୦ ଜଣ ଆଶ୍ରୟସ୍ଥଳରେ ଅଛନ୍ତି । ପ୍ରାରମ୍ଭିକ ଆକଳନରୁ ପ୍ରାୟ ୨ ଲକ୍ଷ ଏକର ଜମିରେ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି । ବର୍ଷା କମିବା ପରେ ସଠିକ୍ ଆକଳନ କରାଯାଇ ଚାଷୀମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

## ବାତ୍ୟା - ସ୍ୱାସ୍ଥ୍ୟକେନ୍ଦ୍ର

ବାତ୍ୟା ପରବର୍ତ୍ତୀ ବର୍ଷା ଓ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ପାଗ ଅନୁକୂଳ ହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମା’ ଓ ନବଜାତକ ଶିଶୁ ରହିବେ ବୋଲି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଶ୍ରୀ ମହାଲିଙ୍ଗ କହିଛନ୍ତି, ବାତ୍ୟା ସମୟରେ ପ୍ରସବ ସମ୍ଭାବନା ଥିବା ୯ ହଜାର ୮୭୭ ଜଣଙ୍କ ମଧ୍ୟରୁ ଗତକାଲି ମଧ୍ୟାହ୍ନ ସୁଦ୍ଧା ୨ ହଜାର ୩୩୬ ଜଣ ମାତୃତ୍ୱ ଲାଭ କରିଛନ୍ତି । ମା' ଓ ଶିଶୁଙ୍କ ସୁରକ୍ଷାପାଇଁ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ବିଭାଗ ପକ୍ଷରୁ ଯଥେଷ୍ଟ ପରିମାଣର ହାଲୋଜେନ୍ ବଟିକ, ଓ.ଆର୍.ଏସ୍. ଏବଂ ଅନ୍ୟାନ୍ୟ ଔଷଧ ଉପଲବ୍ଧ କରାଯାଇଛି ।

*IPR*

## ବାତ୍ୟା ସମୀକ୍ଷା - ପଞ୍ଚାୟତିରାଜ ମନ୍ତ୍ରୀ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ଥଇଥାନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି । ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଆଗାମୀ ଦିନରେ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାପାଇଁ ସେ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି ।

***Bhadrak/R***

# ବୈତରଣୀ ଜଳସ୍ତର

ଭଦ୍ରକ ଜିଲ୍ଲାର ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଉଛି । ଆଜି ସକାଳ ୬ଟା ସୁଦ୍ଧା ଜଳସ୍ତର ୧୬ ଦଶମିକ ୮/୮ ମିଟର ଥିବାବେଳେ ଏହାର ବିପଦ ସଙ୍କେତ ୧୭ ଦଶମିକ ୮/୩ ମିଟର ରହିଛି । ବାତ୍ୟା ଯୋଗୁଁ ପ୍ରବଳ ବର୍ଷା ହେବାରୁ ଧାମନଗର, ଭଣ୍ଡାରୀପୋଖରୀ ସମେତ ୭ଟି ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

***Desk***

# ଭିତରକନିକା ବନ୍ଦ୍

ବାତ୍ୟା ଓ ପରବର୍ତ୍ତୀ ସ୍ଥିତି ଯୋଗୁଁ କେନ୍ଦ୍ରାପଡ଼ାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନକୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବନ୍ଦ୍ ରଖିବାକୁ ନିଷ୍ପତ୍ତି ହୋଇଛି । ପୂର୍ବରୁ ବନବିଭାଗ ପକ୍ଷରୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କପାଇଁ ଭିତରକନିକାକୁ ବନ୍ଦ୍ ରଖାଯାଇଥିଲା ।

***PIB***

# ବୋମା ଧମକ - ମାର୍ଗଦର୍ଶିକା

ଦେଶରେ ବିମାନ ଚଳାଚଳ କରୁଥିବା ବିଭିନ୍ନ ସଂସ୍ଥାଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ମିଥ୍ୟା ବୋମା ଧମକକୁ ରୋକିବାପାଇଁ ଇଲେକ୍ଟ୍ରୋନିକ୍ସ ଏବଂ

ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଆଇ.ଟି. ନିୟମାବଳୀରେ ରହିଥିବା ସମୟସୀମା ମଧ୍ୟରେ ଧମକ ସମ୍ପର୍କିତ ବିଭ୍ରାନ୍ତିକର ସୂଚନାଗୁଡ଼ିକୁ ତୁରନ୍ତ ହଟାଇବା କିମ୍ବା ପ୍ରସାରଣ ନ କରିବାପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି । ଉପଯୁକ୍ତ ଅନୁଧ୍ୟାନ ଆବଶ୍ୟକତାକୁ ପାଳନ ନ କଲେ ସାମାଜିକ ଗଣମାଧ୍ୟମ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି ।

***Desk***

# ମୁଦ୍ରା ଯୋଜନା

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଉଦ୍ୟୋଗୀମାନଙ୍କୁ ମିଳୁଥିବା ଋଣକୁ କେନ୍ଦ୍ର ସରକାର ଦ୍ୱିଗୁଣ କରିଛନ୍ତି । ତରୁଣ ପ୍ଲସ୍ ବର୍ଗରେ ମିଳୁଥିବା ୧୦ ଲକ୍ଷ ଟଙ୍କା ଋଣକୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଅଣଅନୁଦାନପ୍ରାପ୍ତ ଉଦ୍ୟୋଗର ବିକାଶପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

***Desk***

# ଆୟକର ଦାଖଲ ଅବଧି

ଆୟକର ଦାଖଲ ଅବଧିକୁ ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଆୟକର ଦାଖଲର ଶେଷ ତାରିଖ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଥିଲା ।

*Puri/R*

# ହସ୍ତଶିଳ୍ପ ଗ୍ରାମ

ପୁରୀ ଜିଲ୍ଲା ପିପିଲିଠାରେ ଥିବା ହସ୍ତଶିଳ୍ପ ଗ୍ରାମକୁ ପର୍ଯ୍ୟଟନ ସଚିବ ବଲଓ୍ୱନ୍ତ ସିଂହ ପରିଦର୍ଶନ କରିବା ସହ ଗ୍ରାମର ବିକାଶ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଖୁବ୍‌ଶୀଘ୍ର ପିପିଲି ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମକୁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ସହ ପ୍ରସ୍ତୁତ କରାଯାଇ ପାରିପାର୍ଶ୍ୱିକ ବିକାଶ କରାଯିବ । ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମର ବିକାଶ ହେଲେ ଚାନ୍ଦୁଆର ପ୍ରଚାର ପ୍ରସାର ସହ କାରିଗରମାନଙ୍କୁ ଜୀବିକା ନିର୍ବାହରେ ସହାୟକ ହୋଇପାରିବ ବୋଲି ଶ୍ରୀ ସିଂହ କହିଛନ୍ତି ।

*****